# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

## ସଦାପ୍ରଭୁ ପରମେଶ୍ୱର ଯୋଶେଫଙ୍କ, ଏକ କ୍ରୀତଦାସକୁ ଉପରକୁ ଉଠାଇଲେ ।




ଲେଖକ: Edward Hughes

ଦୃଷ୍ଟାନ୍ତ: M. Maillot; Lazarus

ଅନୁବାଦକ: Prasanta Bhuyan

ଉପ୍ଯୋଜକ: M. Maillot; Sarah S.


କାହାଣି ୭୦ ରୁ ୮


www.M1914.org

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପ୍ଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯ୍ୟନ୍ତ ଆପ୍ଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ

Oriya

ଯୋଶେଫ୍ ଭୁଲ ଭାବରେ ନିଜର ପୂର୍ବତନ ମାଲିକଙ୍କ ଦ୍ୱାରା କାରାଗାରରେ ନିକ୍ଷେପ କରାଯାଇଥିଲେ । କାରାଗାରରେ ଯୋଶେଫ୍ ବାଧ୍ୟତା ଓ ପରୋପକରୀ ଥିଲେ । କାରା ରକ୍ଷକ କାରାଗାରରେ ଲୋକଙ୍କ ଜୀବନ ସଜାଡ଼ିବାକୁ ଯୋଶେଫଙ୍କ ଉପରେ ଭରଷା କଲେ । କାରଣ ପରମେଶ୍ୱର ଯୋଶେଫଙ୍କ ସହିତରେ ଥିଲେ, କାରାଗାର ସମସ୍ତଙ୍କ ନିମନ୍ତେ ଏକ ଉତ୍ତମ ସ୍ଥାନ ହୋଇଗଲା ।





ରାଜାଙ୍କର ପାନପାତ୍ର ବାହକ ଓ ସୁଫକାର ଦୁହେଁ କାରାଗାରରେ ଥିଲେ । ତୁମ୍ଭେ କହିଁକି ଦୁଃଖିତ ଅଟ ଯୋଶେଫ୍ ଦିନେ ସେମାନଙ୍କୁ ପଚାରଲେ ।




କେହି ଜଣେହେଲେ ମଧ୍ୟ ଆମ୍ଭ ସ୍ୱପ୍ନର ଉତ୍ତର କହି ପାରୁନାହାନ୍ତି, ସେହି ଭୟଭିତ ଲୋକ କହିଲେ ।
ପରମେଶ୍ୱର କହିପାରନ୍ତି, ଯୋଶେଫ୍ କହିଲେ ।
ମୋତେ ତୁମ ସ୍ୱପ୍ନଗୁଡ଼ିକ କୁହ ।
3


ତୁମ୍ଭ ସ୍ୱପ୍ନର ଉତ୍ତର ଅନୁଷାରେ ତୁମ୍ଭେ ଫାରୋଙ୍କର ଅନୁଗ୍ରହ ପ୍ରାପ୍ତ ହେବ ଓ ତିନିଦିନ ମଧ୍ୟରେ ନିଜକାର୍ଯ୍ୟରେ ପୁଣିଥରେ ନିଯୁକ୍ତି ପାଇବ, ଯୋଶେଫ୍ ପାନପାତ୍ର ବାହକଙ୍କୁ କହିଲେ । ମୋତେ ମନେକରି ଏହି ସ୍ଥାନରୁ ମୁକ୍ତ କରିବାକୁ ଫାରୋଙ୍କୁ ଅନରୋଧ କର ।
4


ସୁପକାରର ସ୍ୱପ୍ନରେ ଦୁଃସଂବାଦ ଥିଲା । ତୁମେ ତିନିଦିନ ମଧ୍ୟରେ ମରିଯିବ, ଯୋଶେଫ୍ ତାହାଙ୍କୁ କହିଲେ । ଦୁଇଟିଯାକ ସ୍ୱପ୍ନର ଉତ୍ତର ସତ୍ୟ ହୋଇଗଲା ।
5


କିନ୍ତୁ ସେହି ପାନପାତ୍ରବାହକ ସବୁକିଛି ପାଶୋରିଗଲେ ସେ ପର୍ଯ୍ୟନ୍ତ ଯେବେ ଫାରୋ ନିଜେ ଏକ ସକାଳେ ଅଶାନ୍ତ ଭାବରେ ଉଠିଲେ । ମୁ ଏକ ସ୍ୱପ୍ନ ଦେଖିଲି, ସେ କହିଲେ । ତାଙ୍କ ଦେଶର ପଣ୍ଡିତ ଓ ମନ୍ତ୍ରିଙ୍କ କେହିମଧ୍ୟ ସ୍ୱପ୍ନର ଉତ୍ତର କରି ପାରିଲେ ନାହିଁ ।
6


ସେହି ସମୟରେ ପାନପାତ୍ର ବାହକ କାରାଗାରରେ ଥିବା ଯୋଶେଫଙ୍କୁ ମନେ ପକାଇଲେ । ସେ ଫାରୋଙ୍କୁ ତାଙ୍କ ବିଷୟରେ କହିଲେ ।
7


ସଂଙ୍ଗେ ସଂଙ୍ଗେ ଫାରୋ ଯୋଶେଫଙ୍କୁ ବାହାରକୁ ଆଣିବାକୁ ପଠାଇଲେ । ତୁମ୍ଭର ସ୍ୱପ୍ନ ପରମେଶ୍ୱରଙ୍କଠାରୁ ଏକ ବାଣୀ ଅଟେ, ଯୋଶେଫ୍ ଫାରୋଙ୍କୁ କହିଲେ । ମିଶର ଦେଶରେ ଆସନ୍ତା ସାତ ବର୍ଷ ଅନେକ ପରିମାଣରେ ଫସଲ ହେବ, ତା ପରେ ଆସିବା ସାତ ବର୍ଷ ଭୟଙ୍କର ଦୁର୍ଭୀକ୍ଷ ହେବ ।
8


ପ୍ରଥମେ ଆସିବା ଉତ୍ତମ ସାତ ବର୍ଷର
ଫସଲକୁ ସଂଗ୍ରହ କରି ରଖିବାକୁ ଯୋଜନା
କରନ୍ତୁ, ଯୋଶେଫ୍ ଫାରୋଙ୍କୁ ଅନୁଯୋଗ
କଲେ, ତା ନହେଲେ
ଦୁର୍ଭିକ୍ଷ ହେତୁ ଲୋକମାନେ
ଅନାହାରରେ ମୃତୁବରଣ
କରିବେ । ପରମେଶ୍ୱର
ତୁମ୍ଭ ସହିତ ଅଟନ୍ତି,
ଫାରୋ କହିଲେ । ତୁମ୍ଭେ
ସମସ୍ତ ମିଶରର ଅଧ୍ୟକ୍ଷ
ହେବ, କେବଳ ମୋହର
ଦ୍ୱୀତୀୟରେ ତୁମ୍ଭେ ରହିବ ।
9
ଉତ୍ତମ ସାତ ବର୍ଷରେ ଅନେ ଫସଲ ହେଲା, ତା ପରେ ସାତ ବର୍ଷ ମହା ଦୁର୍ଭିକ୍ଷ । କେବଳ ମିଶର
ଛଡ଼ା ସମସ୍ତ ଦେଶରେ ଖାଦ୍ୟର ଅଭାବ ଦେଖାଦେଲା, ଯେଉଁଠାରେ କି ସେମାନେ ବୁଦ୍ଧିମାନର
ସହିତ ଖାଦ୍ୟକୁ ସଂଗ୍ରହ କରି ରଖିଥିଲେ । ଯୋଶେଫଙ୍କର ସୁଦୁର ନିଜ ଦେଶରେ, ଯୋଶେଫଙ୍କ
ପରିବାର ମଧ୍ୟ ଖାଦ୍ୟର ଅଭାବରେ ଥିଲେ ।
10
ଖାଦ୍ୟନିମନ୍ତେ ଲୋକମାନେ ସମସ୍ତ ଦେଶ ମାନଙ୍କରୁ ମିଶରକୁ ଖାଦ୍ୟ ସାମଗ୍ରୀ
କ୍ରୟ କରିବା ନିମନ୍ତେ ଗଲେ । ନିଶ୍ଚିତ ଭାବରେ ତୁମ୍ଭେମାନେ ମଧ୍ୟ ମିଶରକୁ
ଯିବା ଆବଶ୍ୟକ ।
11
ଯାକୁବ ନିଜର ସନ୍ତାନ ମାନଙ୍କୁ ଆଜ୍ଞା ଦେଲେ, ତା ନହେଲେ ଆମ୍ଭେ ସମସ୍ତେ ଖାଦ୍ୟାଭାବରେ
ମୃତୁବରଣ କରିବା । ମିଶରରେ ପହଞ୍ଚିଲା ପରେ ପୁତ୍ରମାନେ ଖାଦ୍ୟ ସାମଗ୍ରୀ
କିଣିବାକୁ ପ୍ରସ୍ତୁତ ହେଲେ ।
12
ଯାକୁବଙ୍କ ପୁତ୍ରମାନେ ସେହି ଦେଶରେ ଥିବା ଅଧିକ୍ଷକଙ୍କ ଆଗରେ
ଯାନୁପାତି ପ୍ରଣାମ କଲେ । ସେମାନେ ନିଜ ଭାଇ ଯୋଶେଫଙ୍କୁ
ଚିହ୍ନିପାରିଲେ ନାହିଁ । କିନ୍ତୁ ଯୋଶେଫ୍ ସେମାନଙ୍କୁ ଜାଣିଥିଲେ ।
ଯୋଶେଫ୍ ନିଜର ବାଳକ ସମୟର ସ୍ୱପ୍ନ କଥାକୁ ମନେ ପକାଇଲେ ।
ପରମେଶ୍ୱର ତାଙ୍କୁ ତାଙ୍କ ଭାଇମାନଙ୍କଠାରୁ ଉର୍ଦ୍ଧ୍ୱକୁ ଉଠାଇ ଅଛନ୍ତି ।
13
ଯୋଶେଫ୍ ବହୁତ ବୁଦ୍ଧିମାନ୍ ଥିଲେ । ସେ
ସେମାନଙ୍କ ସହିତ କଟୁ କଥା କହିଲେ ଓ ନିଜଭାଇ
ସିମିଅନ୍‌ଙ୍କୁ ସେମାଙ୍କ ଆଗରେ ବାନ୍ଧିପକାଇଲେ ।
14


ଖାଦ୍ୟ ସାମଗ୍ରୀ ନେଇଯାଅ, ଓ ନିଜର ସାନ
ଭାଇଙ୍କୁ ମୋ କତିକି ଆଣ, ସେ ଆଜ୍ଞା କଲେ ।
ତେବେଯାଏଁ ଆମ୍ଭେ ଜାଣିବା ଯେ ତୁମ୍ଭେମାନେ
ଗୁପ୍ତଚର ନୁହଁ ।
15


ଭାଇମାନେ ଭାବିଲେ, ବୋଧହୁଏ ଅନେକ ବର୍ଷ
ଆଗରେ ସେମାନେ ଯୋଶେଫଙ୍କୁ କ୍ରୀତଦାସ ରୂପେ
ବିକ୍ରୟ କରିଥିବା ହେତୁରୁ ପରମେଶ୍ୱର ସେମାନଙ୍କୁ
ଦଣ୍ଡିତ କରୁଅଛନ୍ତି ।
16


ଯାକୁବ ଓ ତାଙ୍କ ପୁତ୍ରମାନେ ଦ୍ୱନ୍ଦରେ ପଡ଼ିଲେ । ଆମର ଟଙ୍କା ଖାଦ୍ୟସଶ୍ୟ ସହିତ
ଫେରସ୍ତ ଆସିଛି । ଏବଂ ନିଜର ସାନ ଭାଇ ବେଞ୍ଜାମିନ୍‌କୁ ସାଥିରେ ନେବାକୁ
ଶାସକ କହିଛନ୍ତି । ଯାକୁବ ବଞ୍ଜାମିନ୍‌କୁ ଯିବାକୁ ମନା କରିଦେଲେ ।
କିନ୍ତୁ ଅତି ଶିଘ୍ର ଖାଦ୍ୟଶସ୍ୟ ସରିଆସିଲା । ଭାଇମାନେ ଶସ୍ୟ
କିଣିବା ନିମନ୍ତେ ମିଶର ଦେଶକୁ ଯିବାକୁ ପଡ଼ିଲା । ବେଞ୍ଜାମିନ୍
ମଧ୍ୟ ସେମାନଙ୍କ ସହିତ ଗଲେ ।
17


ଯେତେବେଳେ ଯୋଶେଫ୍ ବେଞ୍ଜାମିନ୍‌ଙ୍କୁ ଦେଖିଲେ ସେ ଏକ ମହା ଭୋଜର ଆୟଜନ କରିବା
ନିମନ୍ତେ ଆଜ୍ଞା ଦେଲେ । ଭାଇମାନେ ନିମନ୍ତ୍ରୀତ ଥିଲେ । ତୁମ ବାପା କି ଏବେ ବି ବଞ୍ଚିଛନ୍ତି, ସେ
କି ଭଲରେ ଅଛନ୍ତି, ଯୋଶେଫ୍ ପଚାରିଲେ । ହୋଇପାରେ ଯୋଶେଫ୍ ଭାବୁଥିଲେ ସେ କିପରି
ଭାବରେ ନିଜର ସମସ୍ତ ପରିବାରକୁ ଏକତ୍ର କରିବେ ।
18


ଯୋଶେଫ୍ ମଧ୍ୟ ଜାଣିବାକୁ ଚାହୁଁଥିଲେ
କି ତାଙ୍କ ଭାଇମାନେ ଅନେକ ବର୍ଷ
ଆଗରୁ କରିଥିବା ପାପ ନିମନ୍ତେ
ପଶ୍ଚାତାପ କରୁଛନ୍ତି । ଭୋଜର
ଶେଷରେ ସେ ସେମାନଙ୍କୁ
ଚୋରମାନେ ବୋଲି କହିଲେ ।
ଦୋଷି ମୋଠାରେ ଦାସ ହୋଇ
ରହିବା ତୁମ୍ଭମାନଙ୍କର ଦଣ୍ଡ ଅଟେ,
ଯୋଶେଫ୍ ସେମାନଙ୍କୁ କହିଲେ ।
19


ଆମ୍ଭର ପ୍ରୋଭୋ, ତାହା ବଦଳରେ
ମୋହର ପ୍ରାଣ ନିଅନ୍ତୁ, ଯିହୁଦା ନିବେଦନ
କଲେ । ଯୋଶେଫ୍ ଜାଣିଥିଲେ ଯେ,
ଯିହୁଦା ହିଁ ଯୋଶେଫଙ୍କୁ ବିକ୍ରୟ କରିବା
ନିମନ୍ତେ ଉପଦେଶ ଦେଇଥିଲେ,
ସତ୍ୟତାରେ ସେ ବଦଳି ଯାଇଥିଲେ ।
20













ସଦାପ୍ରଭୁ ପରମେଶ୍ୱର ଯୋଶେଫ, ଏକ କ୍ରୀତଦାସକୁ ଉପରକୁ ଉଠାଇଲେ ।

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ଆଦିପୁସ୍ତକ ୩୯-୪୫

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

25

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।

26